ସମ୍ବାଦ
ତାରିଖ:୦୫.୦୫.୨୦୨୬

# ବିଆଇଆଇଟିଏମ୍‌ରେ ଖୋଲିଲା ବିବିଏ ପାଠ୍ୟକ୍ରମ

ଚନ୍ଦ୍ରଶେଖରପୁର, ୪/୫(ଇମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଷ୍ଟଡିସ୍(ବିଆଇଆଇଟିଏମ୍)ରେ ବିବିଏ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହି ପାଠ୍ୟକ୍ରମକୁ ଦୁଇଟି ବର୍ଗରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବ। ବିବିଏ(୩ବର୍ଷ, ୧୨୦ କ୍ରେଡିଟ୍), ଯାହାକି ବ୍ୟବସାୟ ପରିଚାଳନାର ମୂଳ କୌଶଳକୁ ଗଢ଼ିଥାଏ ଏବଂ ବିବିଏ ସହ ଅନର୍ସ ଓ ଗବେଷଣା(୪ବର୍ଷ, ୧୬୦ କ୍ରେଡିଟ୍), ଯାହାକି ଅଧିକ ଶିକ୍ଷାମୂଳକ ଓ ଗବେଷଣାମୂଳକ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଥିବା ଛାତ୍ରଛାତ୍ରୀଙ୍କ ପାଇଁ ସହାୟକ ହେବ। ଉଭୟ ପାଠ୍ୟକ୍ରମ ଏଆଇସିଟିଇ ମଡେଲ୍ କରିକ୍ୟୁଲମ୍ ସହ ସମନ୍ୱିତ ହୋଇ ତିଆରି ହୋଇଛି। ଯେଉଁଥିରେ ଲାଇଭ୍ କେସ୍ ଷ୍ଟଡିଜ୍, ଇଣ୍ଡଷ୍ଟ୍ରି ଇଣ୍ଟରାକ୍ସନ ଓ ଏକ୍ସପେରିଏଣ୍ଟାଲ ଲର୍ଣ୍ଣିଂ କୋର୍ସ ରହିଛି। ଏହା ଛାତ୍ରଛାତ୍ରୀଙ୍କୁ ପ୍ରଥମ ଦିନରୁ ଆଧୁନିକ ବ୍ୟବସାୟ ପରିବେଶ ପାଇଁ ପ୍ରସ୍ତୁତ କରିବ। ବିଆଇଆଇଟିଏମ୍‌ର ୭ଜଣ ଛାତ୍ରଛାତ୍ରୀ ଆନ୍ତର୍ଜାତୀୟ ସଂସ୍ଥାରେ ୧୫ ଲକ୍ଷ ଟଙ୍କା ପ୍ୟାକେଜ୍‌ରେ ନିଯୁକ୍ତି ପାଇଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।